# ଟାଟା ଟି’ ଅନ୍ତଃସ୍କୁଲ୍ ଫୁଟ୍‌ବଲ୍

# ସମ୍ବଲପୁର ଟାଉନ୍ ହାଇସ୍କୁଲ୍ ଚାମ୍ପିଅନ୍



ଭୁବନେଶ୍ୱର, ୨୯।୧୨ (ଇମିସ): ‘ଟାଟା ଟି ଜାଗୋରେ ଇଣ୍ଟର ମିଲାନ୍ ସକ୍କର ଷ୍ଟାର୍’ର ଭୁବନେଶ୍ୱର ଜୋନାଲ୍ ଲିଗ୍ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ସର୍ବଭାରତୀୟ ଟୁର୍ନାମେଣ୍ଟରେ ସମ୍ବଲପୁର ଟାଉନ୍ ହାଇସ୍କୁଲ୍ ଭୁବନେଶ୍ୱର ଜୋନାଲ ଲିଗ୍ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ମୁକାବିଲାରେ ସମ୍ବଲପୁର ସ୍କୁଲ୍ ୩-୨ ଗୋଲ୍‌ରେ କଟକର ସୟଦ୍ ସେମିନାରିକୁ ପରାସ୍ତ କରି ଦେଇଛି। ସଙ୍କର୍ଷଣ ଜେନା, ପ୍ରକାଶ ଦାସ, ମହେଶ୍ୱର ସିଂହ, ସୁଶାନ୍ତ ମହାନ୍ତି, ରାଜେନ୍ଦ୍ର ବେହେରା, ସେଖାଓ୍ୱତ୍ ଖାନ୍, କ୍ଷୀରୋଦ୍ ଦାସ, ସରୋଜ ମହାରଣା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଚାମ୍ପିଅନ୍ ହେବା ସହିତ ସମ୍ବଲପୁର ଟାଉନ୍ ହାଇସ୍କୁଲ୍ ସିଲଂଠାରେ ଆୟୋଜିତ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ହାସଲ କରିଛି। ଏହି ୧୫ ବର୍ଷରୁ କମ୍ ଟୁର୍ନାମେଣ୍ଟରେ କଟକରୁ ୫ଟି ଓ ସମ୍ବଲପୁରରୁ ଗୋଟିଏ ସମେତ ଭୁବନେଶ୍ୱରର ୩୪ଟି ସ୍କୁଲ ଭାଗ ନେଇଥିଲେ। ଇଣ୍ଟର ମିଲନ କ୍ଲବ୍‌ର ସାରା ବିଶ୍ୱରେ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଅନୁଯାୟୀ ସମ୍ବଲପୁର ଦଳର ରାକେଶ ଓରାମ ଏବଂ ପିଏମ୍ ଏକାଡେମିର ପ୍ରକାଶ ନାୟକଙ୍କୁ ଭୁବନେଶ୍ୱର ଲିଗ୍‌ର ଶ୍ରେଷ୍ଠ ପ୍ରତିଭା ଭାବେ ମୁଖ୍ୟ ମନୋନୟନକାରୀ ମହମ୍ମଦ ନାସିର୍ ଚୟନ କରିଛନ୍ତି। ଆନ୍ତର୍ଜାତୀୟ କରାଟେକା ଭାଲିନା ଭାଲେଣ୍ଟିନା, ଅରବିନ୍ଦ ମିତ୍ର, ନବରଞ୍ଜନ ପଟ୍ଟନାୟକ, ରଘୁନାଥ ପଣ୍ଡା, ନରେନ୍ଦ୍ର ସେଠୀ, କଳିଙ୍ଗ ଷ୍ଟାଡିୟମ୍ ଇନ୍‌ଚାର୍ଜ କୁମାର ରଞ୍ଜନ ପଣ୍ଡା ପ୍ରମୁଖ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।